# ମାନବାଧିକାର ଆୟୁକ୍ତଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ

କଟକ,୨୨।୫/ଏନ୍ଏନ୍ଏସ୍ : ପୁଲିସ୍ ହାଜତରେ ଜଣେ ବ୍ୟକ୍ତିଙ୍କୁ ନିର୍ଯାତନା ପ୍ରସଙ୍ଗରେ ରାଜ୍ୟ ମାନବାଧିକାର ଆୟୁକ୍ତ ପ୍ରଦାନ କରିଥିବା ନିର୍ଦ୍ଦେଶର କାର୍ଯକାରୀତା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ଆବେଦନକାରୀ ନୟାପଲ୍ଲୀ ଥାନାର ତତ୍କାଳୀନ ସବ୍ ଇନ୍ସ୍ପେକ୍ଟର ସସ୍ମିତା ଧଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଅଦାଲତ ରାଜ୍ୟ ସରକାରଙ୍କ ସମେତ କମିଶନରେଟ୍ ପୁଲିସକୁ ମଧ୍ୟ ଏହି ମାମଲାରେ ନୋଟିସ୍ ଜାରି କରିଛନ୍ତି । ସତ୍ୟପାଠ ମାଧ୍ୟମରେ ଆସନ୍ତା ୮ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ହାଇକୋର୍ଟ କହିଛନ୍ତି । ଗତ ୨୦୦୮ ମସିହାରେ ନୟାପଲ୍ଲୀ ଥାନାରେ ଏକ ମାମଲାରେ ଦୁଇଭଉଣୀଙ୍କୁ ବେଆଇନ ଭାବେ ଅଟକ ରଖାଯାଇ ହାଜତରେ ନିର୍ଯାତନା ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ଆବେଦନକାରୀ ମାନବାଧିକାର କର୍ମୀ ପ୍ରବୀର ଦାସଙ୍କ ପକ୍ଷରୁ ରାଜ୍ୟ ମାନବାଧିକାର ଆୟୁକ୍ତରେ ମାମଲା ରୁଜୁ ହୋଇଥିଲା ବେଳେ ପୀଡ଼ିତା ଦୁଇଭଉଣୀଙ୍କ ପକ୍ଷରୁ ମଧ୍ୟ ଅନୁରୂପ ଭାବେ ମାନବାଧିକାର କମିଶନରେ ଅଭିଯୋଗ କରାଯାଇଥିଲା । ମାମଲାର ଶୁଣାଣି ବେଳେ ନୟାପଲ୍ଲୀ ଥାନାର ତତ୍କାଳୀନ ଥାନା ଅଧିକାରୀଙ୍କ ରିପୋର୍ଟ ଆଧାରରେ ଭୁବନେଶ୍ୱର ଡିସିପି ଘଟଣାରେ ସତ୍ୟତା ଥିବା ଦର୍ଶାଇଥିଲେ । ଏହି ଘଟଣାରେ ୨୦୧୮ ମସିହାରେ ଅତିରିକ୍ତ ପୁଲିସ କମିଶନରଙ୍କ ପକ୍ଷରୁ ଏପରି ରିପୋର୍ଟ ଆଧାରରେ ଅଭିଯୁକ୍ତ ସବ୍ ଇନସ୍ପେକ୍ଟର ସସ୍ମିତା ଧଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ରାଜ୍ୟ ମାନବାଧିକାର ଆୟୁକ୍ତ ଏହି ମାମଲାର ଶୁଣାଣି କରି ପୀଡ଼ିତା ଦୁଇଭଉଣୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ପକ୍ଷରେ ସମ୍ପୃକ୍ତ ସବ୍ ଇନସ୍ପେକ୍ଟର ମାନବାଧିକାର ଆୟୁକ୍ତଙ୍କ ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କରିଥିଲେ ।

ନିତିଦିନ NITIDIN
Sat, May 23, 2020
http://odishanewsnitidin.com